# 108

**II**

Total No. of Questions – 16

Total No. of Printed Pages – 4

Regd. No.

## Part – II

## ODIA, Paper-I

### (Second Language)

Time : 3 Hours]

[Max. Marks : 100

**ନିର୍ଦ୍ଦେଶ :** ପ୍ରତ୍ୟେକ ପ୍ରଶ୍ନର ଉତ୍ତର କ୍ରମାନ୍ୱୟ ଭାବରେ ଲେଖିବା ଉଚିତ । ଅନ୍ୟଥା ଉପଯୁକ୍ତ ନମ୍ବର ପାଇବାରୁ ବଞ୍ଚିତ ହେବେ ।

1. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ ।

$1 \times 10 = 10$

(କ) ପାଣ୍ଡବମାନଙ୍କୁ ମାରିବା ପାଇଁ ଦୁର୍ଯ୍ୟୋଧନ କି ଷଡ଼ଯନ୍ତ୍ର କରିଥିଲେ, ପଠିତ କବିତା ଅନୁସରଣରେ ଉଲ୍ଲେଖ କର ।

(ଖ) 'ସତ୍ୟରେ ମରିବି ସତ୍ୟରେ ତରିବି' କବିତାରେ ପ୍ରକାଶିତ ଦାର୍ଶନିକ ମୂଲ୍ୟବୋଧର ପରିଚୟ ଦିଅ ।

2. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ ।

$1 \times 10 = 10$

(କ) ପଲ୍ଲୀ ମଣିଷର ଅନୁଭବ ଓ ଅନୁଭୂତି 'ଅସୁରଦୀଘି' ରେ କିପରି ପ୍ରକାଶିତ ଆଲୋଚନା କର ।

(ଖ) ଇଲିନିଏ ବିଶ୍ୱବିଦ୍ୟାଳୟ ସଂପର୍କରେ ତୁମ ପଠିତ ପ୍ରବନ୍ଧରେ ଯେଉଁ ତଥ୍ୟ ପ୍ରକାଶିତ ହେଉଛି ଆଲୋଚନା କର ।

3. ପୂର୍ବାପର ସଂପର୍କ ସୂଚାଇ କୌଣସି ଗୋଟିଏର ସପ୍ରସଙ୍ଗ ସରଳାର୍ଥ ଲେଖ ।

$1 \times 5 = 5$

(କ) କେଶ ଦରଶନେ ରଥାଙ୍ଗ ଧାଇଁ ଆହାର ବଶେ
ବିଚ୍ଛେଦ ଭୟରୁ ପଳାଇ ଗଲେ ନ ରହି ପାଶେ ।

(ଖ) ଗରିଷ୍ଠ ଅରୁଚି କାହିଁକି କରୁଚି ଅଶନେ, ବସନେ, ଦେହେ,
ଗୁରୁଜନଗିତି ଜାଣିଲେ କି ଗତି ଅଷ୍ଟଦୁର୍ଗପତି କହେ ।

4. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏର** ସରଳାର୍ଥ ଲେଖ । $1 \times 5 = 5$

(କ) ଏସବୁ କ୍ଷେତ୍ରରେ କ୍ଲୋନିଂ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ମାନବ ଜୀବନର ଦୃଢ଼ ବିଶ୍ୱାସ ।

(ଖ) ଓଡ଼ିଆମାନେ ସର୍ବଦା ନିଜ ପ୍ରାଚୀନ ସଂସ୍କୃତିର ଅତିଭକ୍ତ ହୋଇ ନୂତନ ସଂସ୍କୃତି ସହ ସମ୍ପୂର୍ଣ୍ଣ ଅସହଯୋଗ କରିଥିଲେ । ଏଥିରେ ଶାସକମାନଙ୍କ କୌଣସି କ୍ଷତି ହୋଇନଥିଲା; ମାତ୍ର ଓଡ଼ିଆମାନଙ୍କ ପ୍ରଭୁତ କ୍ଷତି ହୋଇଥିଲା ।

5. ଯେ କୌଣସି **ଚାରୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । $4 \times 2 = 8$

(କ) ଦ୍ରୌପଦୀଙ୍କର କେଶ କାହିଁକି ମୁକୁଳା ଥିଲା ଓ ତାହା କିପରି ବନ୍ଧା ହେବାର ଥିଲା ?

(ଖ) ଯଶୋଦା ଶ୍ରୀକୃଷ୍ଣଙ୍କୁ ବାନ୍ଧିବାକୁ ଚେଷ୍ଟା କରି କାହିଁକି ବିଫଳ ହୋଇଥିଲେ ?

(ଗ) ଭ୍ରମରମାନେ ଲାବଣ୍ୟବତୀର ମୁଖକୁ ଚୁମ୍ବନ କରିବାକୁ ଆସି କାହିଁକି ଫେରିଗଲେ ?

(ଘ) 'ଗଙ୍ଗାରୁ ବିଶଦ ଗଭୀର ତୋ ହ୍ରଦ' ବୋଲି କିଏ, କାହାକୁ ଓ କାହିଁକି କହିଛି ?

(ଙ) 'କେଉଁ ଡାଳ ଧରି ପାରି ହୋଇଯିବି' ବୋଲି ଭୀମଭୋଇ ଭାବିଲେ କାହିଁକି ?

6. ଯେ କୌଣସି **ଚାରୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । $4 \times 2 = 8$

(କ) ଅସୁରଦୀଘିର ସୃଷ୍ଟି ସଂପର୍କରେ କେଉଁ ଲୋକକଥା ରହିଛି, ତାହା ସଂକ୍ଷେପରେ ଲେଖ ।

(ଖ) ଓଡ଼ିଶାରେ ଭୋଇ ରାଜାମାନଙ୍କ ଶାସନ କିପରି ଥିଲା ?

(ଗ) ହରଗୋବିନ୍ଦ ଖୁରାନା କିଏ ? କୃତ୍ରିମ ଜିନ୍ ପ୍ରସ୍ତୁତି ସମ୍ବନ୍ଧରେ ତାଙ୍କର ଅବଦାନ କ'ଣ ।

(ଘ) ବ୍ରିଟିଶ୍ ରାଜତ୍ୱର ପ୍ରଥମ ପର୍ଯ୍ୟାୟରେ ଓଡ଼ିଆମାନେ କାହିଁକି ରାଜକର୍ମଚାରୀ ହୋଇପାରିଲେ ନାହିଁ ?

(ଙ) ଅଣ୍ଡର ଗ୍ରାଜୁଏଟ୍ ଗ୍ରନ୍ଥାଗାର ସଂପର୍କରେ ଦୁଇଟି ଧାଡ଼ି ଲେଖ ?

7. ନିମ୍ନ ଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ପଦ ବା ବାକ୍ୟରେ ପ୍ରଦାନ କର : $5 \times 1 = 5$

(କ) ସିଂହଳ ରାଜଜେମା କିଏ ?

(ଖ) 'ଗଲାଣିତ ଗଲା କଥା' କବିତାଟି କେଉଁ ଗ୍ରନ୍ଥରୁ ଉଦ୍ଧୃତ ?

(ଗ) ମହିମାଧର୍ମର ଆରାଧ୍ୟ ଦେବତା କିଏ ?

(ଘ) ଅର୍ଜ୍ଜୁନର ଧନୁର ନାମ କ'ଣ ?

(ଙ) 'ଛାଟ ପକାଇ କଲେ ଚିନ୍ତା' କବିତାର କବି କିଏ ?

8. ନିମ୍ନ ଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ବାକ୍ୟରେ ପ୍ରଦାନ କର : 5 × 1 = 5

(କ) 'ମୋ ସମୟର ଭାରତ ଓ ଓଡ଼ିଶା' ର ପ୍ରାବନ୍ଧିକ ?

(ଖ) ଫକୀରମୋହନ ସେନାପତିଙ୍କ ଲିଖିତ ସର୍ବଶ୍ରେଷ୍ଠ ସାମାଜିକ ଉପନ୍ୟାସ ?

(ଗ) ବୃନ୍ଦାବନ ରାୟଙ୍କ ତୁମ ପଠିତ ପ୍ରବନ୍ଧ ?

(ଘ) କେଉଁ ବଙ୍ଗ ନବାବ ଓଡ଼ିଶାକୁ ବଙ୍ଗର ଅଙ୍ଗୀଭୂତ କରିଥିଲେ ?

(ଙ) 'ଏ ଅଞ୍ଚଳରେ ପ୍ରବଳ ଚୋରି ହୁଏ' (High theft Area) ବୋଲି କେଉଁଠି ଲେଖା ହୋଇଛି ?

9. ଏକ ମନସ୍ତାତ୍ତ୍ୱିକ ଏକାଙ୍କିକା ଭାବରେ 'ଦୂରପାହାଡ଼' ର ମୂଲ୍ୟାୟନ କର । 1 × 10 = 10

କିମ୍ବା

ରାଜନୀତି କିପରି ଆଜି ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି, ପଠିତ 'ଛଦ୍ମବେଶୀ' ଏକାଙ୍କିକା ଅବଲମ୍ବନରେ ଆଲୋଚନା କର ।

10. ତିତ୍‌ଲୀ ତୋଫାନ ଦ୍ୱାରା ତୁମ ଅଞ୍ଚଳରେ ହୋଇଥିବା କ୍ଷତି ପୂରଣ କରିବାକୁ ଅନୁରୋଧ କରି ତୁମ ଜିଲ୍ଲାପାଳଙ୍କ ନିକଟକୁ ପତ୍ର ଲେଖ । 1 × 5 = 5

କିମ୍ବା

ତୁମେ ଭବିଷ୍ୟତରେ କ'ଣ ହେବାକୁ ଚାହଁ ତାହା ଦର୍ଶାଇ ତୁମ ବନ୍ଧୁଙ୍କ ନିକଟକୁ ପତ୍ର ଲେଖ ।

11. (କ) ରାମକେରୀ କିମ୍ବା ବଙ୍ଗଳାଶ୍ରୀ ଛନ୍ଦର ଲକ୍ଷଣ ଲେଖି ଉଦାହରଣ ଦିଅ । 1 × 4 = 4

(ଖ) ଯମକ କିମ୍ବା ବ୍ୟତିରେକ ଅଳଙ୍କାରର ଲକ୍ଷଣ ଲେଖି ଉଦାହରଣ ଦିଅ । 1 × 4 = 4

12. ଯେ କୌଣସି **ତିନୋଟିର** ସନ୍ଧି ବିଚ୍ଛେଦ କର । 1 × 3 = 3

ଏକୈକ, ସଦିଚ୍ଛା, ଅହରହ, ପିତ୍ରାଦେଶ, ତିରସ୍କାର

13. ଯେ କୌଣସି **ତିନୋଟିର** ବିଗ୍ରହ ବାକ୍ୟ ସହ ସମାସ ନାମ ଲେଖ । 1 × 3 = 3

ରୋଗମୁକ୍ତ, ଲୁଣିମାଛ, ଦାସଦାସୀ, ଚଉପଦୀ, ବିପନ୍ନିକ

14. ଯେ କୌଣସି **ତିନୋଟିର** ଲିଙ୍ଗ ବଦଳାଅ । 1 × 3 = 3

କଂସାରୀ, ଯୁବା, ପାଠୁଆ, ମୃତଦାର, ସଭାପତି

15. ଯେ କୌଣସି **ତିନୋଟିର** ବିପରୀତାର୍ଥ ବୋଧକ ଶବ୍ଦ ଲେଖ । 1 × 3 = 3

କଳଙ୍କ, ପ୍ରଭୁ, ମୂକ, ତରୁଣ, ଉଷ୍ମ

16. (କ) ଯେ କୌଣସି ଚାରୋଟି ରୂଢ଼ିର ଅର୍ଥ ଲେଖି ବାକ୍ୟରେ ପ୍ରୟୋଗ କର : 1 × 4 = 4

ଆକାଶ କୁସୁମ, ତୁଣ୍ଡ ବାଇଦ, କ୍ଷୀରନୀର ସଂପର୍କ, ଚକେ ଗଲେ ବାରହାତ, କୂପମଣ୍ଡୁକ, ଘୋଷାବଳଦ

(ଖ) ପ୍ରଦତ୍ତ ଅନୁଚ୍ଛେଦଟିକୁ ପାଠ କରି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ଲେଖ । 1 × 5 = 5

ଖ୍ରୀଷ୍ଟୀୟ ଷୋଡ଼ଶ – ସପ୍ତଦଶ ଶତାବ୍ଦୀ ବେଳକୁ ସମଗ୍ର ଭାରତବର୍ଷରେ ସଂସ୍କୃତ ପ୍ରବଣତା ଦେଖାଯାଇଥିଲା । ସଂସ୍କୃତ ସାହିତ୍ୟର ଅନୁସରଣରେ ଲେଖନୀ ଚାଳନା କରିବା ଏକ ଗୌରବର ବିଷୟ ବୋଲି ସେସମୟର କବିବୃନ୍ଦ ମନେ କରୁଥିଲେ । ଯେଉଁ ସମୟରେକି ତେଲୁଗୁ ଭାଷାରେ ଲିଖିତ ସାହିତ୍ୟର ଅଭାବ ଅନୁଭୂତ ହେଉଥିଲା ଓ କେବଳ ସଂସ୍କୃତ ଓ ପ୍ରାକୃତ ସାହିତ୍ୟ ସମଗ୍ର ଆନ୍ଧ୍ରଦେଶରେ ପ୍ରଭାବ ବିସ୍ତାର କରିଥିଲା, ସେହି ସମୟରେ କବି ନାନ୍ନାୟା ସଂସ୍କୃତ ମହାଭାରତର କେତୋଟି ପର୍ବକୁ ତେଲୁଗୁରେ ଅନୁବାଦ କରି 'ଆଦିକବି' ରୂପେ ସମ୍ମାନିତ ହୋଇଥିଲେ । ତାଙ୍କ ପରେ କବି ତିକ୍କାନା ଓ ଏରରାନା ଦ୍ୱୟ ନାନ୍ନାୟାଙ୍କ କୃତ ଅସଂପୂର୍ଣ୍ଣ ମହାଭାରତର ପୂର୍ଣ୍ଣାଙ୍ଗ ରୂପ ପ୍ରଦାନ କରି ତେଲୁଗୁ ସାହିତ୍ୟରେ 'କବିତ୍ରୟମ୍' ରୂପେ ଖ୍ୟାତି ଲାଭ କରିଥିଲେ । ପରବର୍ତ୍ତୀ କାଳରେ ଏହି ପରଂପରାର ଅନୁସରଣରେ ତେଲୁଗୁ ସାହିତ୍ୟରେ ବହୁ ପୁରାଣ ରଚିତ ହୋଇଥିଲା । ଏହି ପରଂପରାର ଅନ୍ୟତମ ଦାୟାଦ ହେଉଛନ୍ତି କବିସାର୍ବଭୌମ ଶ୍ରୀନାଥ । ସେ ପୁରାଣର ବିଷୟବସ୍ତୁକୁ ଆଳଙ୍କାରିକ ଶୈଳୀ ପ୍ରଦାନ କରି ଏକ ନୂତନ ଧରଣର ସାହିତ୍ୟ ସୃଷ୍ଟି କରିଥିଲେ । ତାହା ହେଉଛି ତେଲୁଗୁ ସାହିତ୍ୟରେ ପ୍ରବନ୍ଧ ଯୁଗ । ଏହି ନୂତନ ଶୈଳିର ଅନୁବର୍ତ୍ତନରେ ସେ 'ହରିବିଳାସମୁ', 'କାଶୀଖଣ୍ଡମୁ', 'ଭୀମେଶ୍ୱର ପୁରାଣମୁ', 'ଶୃଙ୍ଗାର ନୈଷଧମୁ' ପ୍ରଭୃତି ଆଳଙ୍କାରିକ ପ୍ରବନ୍ଧକାବ୍ୟ ରଚନା କରିଥିଲେ । 'ଶୃଙ୍ଗାର ନୈଷଧମୁ' ହେଉଛି କବିଙ୍କର ଶ୍ରେଷ୍ଠ କୃତି । ଏହା ସଂସ୍କୃତ କବି ଶ୍ରୀହର୍ଷଙ୍କ 'ନୈଷଧୀୟ ଚରିତମ୍' ଅନୁସରଣରେ ସୃଷ୍ଟି । ଶ୍ରୀହର୍ଷ ତାଙ୍କ 'ନୈଷଧୀୟ ଚରିତମ୍' ରେ ଯେଉଁ ପାଣ୍ଡିତ୍ୟ ପର୍ଦ୍ଦର୍ଶନ କରିଥିଲେ, ଶ୍ରୀନାଥଙ୍କ କାବ୍ୟରେ ସେସବୁ ଅନୁସୃତ ହୋଇଥିବାରୁ ସେ ହେଉଛନ୍ତି ତେଲୁଗୁ ସାହିତ୍ୟରେ ଜଣେ ମହାକବି ଓ କବିସାର୍ବଭୌମ ।

**ପ୍ରଶ୍ନ :**

(କ) ତେଲୁଗୁ ସାହିତ୍ୟରେ 'କବିତ୍ରୟମ୍' ବୋଲି କେଉଁ ମାନଙ୍କୁ କୁହାଯାଉଛି ?

(ଖ) ଶ୍ରୀହର୍ଷ କିଏ ଓ ସେ କେଉଁ କାବ୍ୟ ରଚନା କରିଥିଲେ ?

(ଗ) ନାନ୍ନାୟା 'ଆଦିକବି' ରୂପେ ସମ୍ମାନିତ ହୋଇଥିଲେ କାହିଁକି ?

(ଘ) ତେଲୁଗୁ ସାହିତ୍ୟରେ 'ପ୍ରବନ୍ଧ ଯୁଗ' ବୋଲି କାହାକୁ କୁହାଯାଉଛି ?

(ଙ) ଶ୍ରୀନାଥଙ୍କ ସାହିତ୍ୟିକ କୃତିଗୁଡ଼ିକର ନାମ ଲେଖ ?